## ଓଡ଼ିଶା ରାଜ୍ୟ ଅର୍ଥ ନିଗମର ନୂତନ ପରିଚାଳନା ନିର୍ଦ୍ଦେଶକ

**କଟକ :୦୮.୧୦.୨୦୧୦**

ରାଜ୍ୟ ସରକାର ରାଜ୍ୟ ଅର୍ଥ ନିଗମର ନୂତନ ପରିଚାଳନା ନିର୍ଦ୍ଦେଶକ ଭାବରେ ଶ୍ରୀଯୁକ୍ତ ବିଜୟ କୁମାର ବୋଷଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି । ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ କବୀନ୍ଦ୍ରନାଥ ଖଟାଇ, ଆଇ.ଏ.ଏସ୍ ଆଠ ତାରିଖ ପୂର୍ବାହ୍ନରେ ଶ୍ରୀଯୁକ୍ତ ବୋଷଙ୍କୁ ଦାୟୀତ୍ୱ ହସ୍ତାନ୍ତର କରିଛନ୍ତି । ଶ୍ରୀଯୁକ୍ତ ବୋଷ ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ (ସି.ଡ.ବି.)ର ଲକ୍ଷ୍ନୌ କାର୍ଯ୍ୟାଳୟରେ ମୁଖ୍ୟ ମହାପ୍ରବନ୍ଧକ ଭାବରେ କାର୍ଯ୍ୟରତ ଥିଲେ । ସରକାରୀ ନିଗମମାନଙ୍କୁ ଲାଭଜନକ ସଂସ୍ଥାରେ ପରିଣତ କରିବା ନିମନ୍ତେ ରାଜ୍ୟ ସରକାର ପେଶାଦାର ପରିଚାଳନା ନିର୍ଦ୍ଦେଶକ ନିଯୁକ୍ତି କରିବା ପାଇଁ ନୀତିଗତ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟରେ ଦ୍ରୁତ ଶିଳ୍ପାୟନ ଚାଲିଥିବାବେଳେ ଓଡ଼ିଶା ରାଜ୍ୟ ଅର୍ଥ ନିଗମରେ କାର୍ଯ୍ୟ କରିବାକୁ ସୁଯୋଗ ଦେଇଥିବାରୁ ଶ୍ରୀ ବୋଷ ରାଜ୍ୟ ସରକାର ଓ ସି.ଡ଼.ବିକୁ ଧନ୍ୟବାଦ ଦେଇଥିଲେ । ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଖଟାଇ ଓ ଅଧ୍ୟକ୍ଷ ଶ୍ରୀ ପ୍ରିୟ ରଞ୍ଜନ ଦାସ ନିଗମକୁ କାର୍ଯ୍ୟକ୍ଷମ କରାଇବା ପାଇଁ ଉଲ୍ଲେଖନୀୟ ପଦକ୍ଷେପ ନେଇଥିବାରୁ ସେମାନଙ୍କର ଭୂୟସୀ ପ୍ରଶଂସା କରିଥିଲେ । କାର୍ଯ୍ୟଭାର ଗ୍ରହଣ କରି ଉପସ୍ଥିତ ବରିଷ୍ଠ ଅଧିକାରୀମାନଙ୍କୁ ସମୟାନୁବର୍ତ୍ତିତା, ସାଧୁତା ତଥା ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ଗ୍ରାହକମାନଙ୍କୁ ତ୍ୱରିତ୍ ସେବା ଯୋଗାଇବାକୁ ପରାମର୍ଶ ଦେଇଥିଲେ । ପେଶାଦାରୀ ତଥା ବ୍ୟବସାୟିକ ମନୋଭାବରଖି ପ୍ରତିଯୋଗିତାମୂଳକ ବଜାରରେ ବ୍ୟବସାୟ ଆରମ୍ଭ କରି ରାଜ୍ୟ ସରକାରଙ୍କ ଅଭିମୁଖ୍ୟକୁ ସାକାର କରିବାକୁ ପରାମର୍ଶ ଦେଇଥିଲେ । ରାଜ୍ୟ ଅର୍ଥ ନିଗମର ଉଜ୍ଜ୍ୱଳ ଅତୀତକୁ ସ୍ମରଣ କରାଇଦେଇ ସମସ୍ତ କର୍ମଚାରୀଙ୍କୁ ଦାୟିତ୍ୱବାନ ତଥା ନିଷ୍ଠାର ସହିତ କର୍ତ୍ତବ୍ୟ ପାଳନ କରିବାକୁ ପରାମର୍ଶ ଦେଇ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଅର୍ଥ ନିଗମର ଅଧ୍ୟକ୍ଷ ଶ୍ରୀ ଦାସ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ସହଯୋଗକୁ ପ୍ରଶଂସା କରିବା ସହିତ ଏକ ବ୍ୟବସାୟିକ ମନୋବୃତ୍ତି ରଖି ରାଜ୍ୟ ଅର୍ଥ ନିଗମକୁ ଲାଭଜନକ ସଂସ୍ଥାରେ ପରିଣତ କରିବାକୁ କର୍ମଚାରୀମାନଙ୍କୁ ଆହ୍ୱାନ ଦେଇଥିଲେ ।

## NEW M.D TOOK CHARGE OF OSFC

**Cuttack: 8th October,2010**



Shri Bijay Kumar Bose has assumed the charge of Managing Director, Orissa State Financial Corporation, a premier State Level Financial Institution on 8th October,2010 in place of Shri Kabindra Nath Khatai, IAS. Shri Bose was working as Chief General Manager, SIDBI, Lucknow and was earlier associated with the Corporation as a Director in the Board. After taking over charge, Shri Bose expressed his thanks to the State Govt. as well as to SIDBI for giving him the opportunity to act as Managing Director of the institution for the development of MSME Sector keeping pace with the industrial up-surge in the State. He stressed upon punctuality, integrity and professional competency on the part of employees and upgradation of information technology level in the Corporation to render hassle free service to the promising and known entrepreneurs. The Corporation will turnaround and become vibrant only with the cooperation of all associated with the promotion of industries, he stated.